ମେସର୍ସ ଦେବୀ ଥିଏଟର ର ଏମ୍.ଜି.ଏମ୍.ଟି.

ବନାମ

ବିଶ୍ୱନାଥ ରାଜୁ

ଏପ୍ରିଲ 8, 2004

[ବ୍ରିଜେଶ୍ କୁମାର ଏବଂ ଅରୁଣ କୁମାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଆଦେଶ 41, ନିୟମ 11 ସହିତ ଧାରା 96 -ପ୍ରଥମ ଆବେଦନ - ସର୍ତ୍ତମୂଳକ ଗ୍ରହଣ - ବୈଧତା - ଆବେଦନକାରୀ ଏକ ନିର୍ଦ୍ଦିଷ୍ଟ ପରିମାଣ ଜମା କରିବା ବିଷୟ ଉପରେ ଆବେଦନ ଗ୍ରହଣ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି, ତାହା ନହେଲେ ଆବେଦନ ଖାରଜ ହେବ - ନିର୍ଣ୍ଣୟ ହେଲା, କିଛି ନିର୍ଦ୍ଦିଷ୍ଟ ପରିମାଣ ଜମା କରିବାର ସର୍ତ୍ତାବଳୀ ଅନୁଯାୟୀ ଆବେଦନ ଗ୍ରହଣ କରିବା ବିଷୟ ଧାରା 96 ସହିତ ଆଦେଶ 41, ନିୟମ 11 ରେ ପରିକଳ୍ପିତ ନୁହେଁ - ଧାରା 96 ଅନୁଯାୟୀ ଏକ ଆବେଦନ ଗ୍ରହଣ କରିବା କିମ୍ବା ଗ୍ରହଣ ନକରିବା ପାଇଁ ମାମଲାର ଗୁଣବତ୍ତା କେବଳ ଆଧାର ହେବ - ଅଧିକନ୍ତୁ, ରାଶି ଜମା କରିବାରେ ବିଫଳତା ଯୋଗୁଁ ଆବେଦନ ଖାରଜ ହେବ ବୋଲି ସର୍ତ୍ତାବଳୀ ଲାଗୁ କରିବାରେ ସର୍ତ୍ତମୂଳକ ଗ୍ରହଣ କ୍ରମରେ ଅଦୃଢତା ବୃଦ୍ଧି ପାଇବ - ତଥାପି, ଯଦି ଆବେଦନକାରୀ ଡିକ୍ରି କାର୍ଯ୍ୟକାରୀତା ସ୍ଥଗିତ ରଖିବା ପାଇଁ କିମ୍ବା ଆବେଦନ ବିଚାରାଧୀନ ଥିବା ସମୟରେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ମାଧ୍ୟମରେ କୌଣସି ଆଦେଶ ପାଇଁ ପ୍ରାର୍ଥନା କରନ୍ତି, ତେବେ ନ୍ୟାୟାଳୟ ଉପଯୁକ୍ତ ମନେ କରୁଥିବା ଯେକୌଣସି ସର୍ତ୍ତ ଲଗାଇବା ପାଇଁ ଉନ୍ମୁକ୍ତ ଅଛି - ଆବେଦନ ଗ୍ରହଣ କରିବାରେ ଜମା କରିବାର ସର୍ତ୍ତ ଲାଗୁ କରିବା କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶକୁ ବାତିଲ କରାଯାଇଛି - ପ୍ରଥମ ଆବେଦନ ଗ୍ରହଣ କରିବାର ଆଦେଶ ଜମା କରିବାର ସର୍ତ୍ତ ବିନା ବିବେଚନା କରାଯିବ ।*

ଦେୱାନୀ ଆବେଦନ ଅଧିକାରିତା : 2004 ର ଦେୱାନୀ ଆବେଦନ ସଂଖ୍ୟା 2582- 2583 ।

ଆର୍.ଏଫ୍.ଏ. ସଂଖ୍ୟା 267/2001ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 9.1.2003 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍.ଏସ୍. ହେଗଡ଼େ, ଚନ୍ଦ୍ର ପ୍ରକାଶ, ପି. ଦେବେଶ, ସୁଶ୍ରୀ ସାବିତ୍ରୀ ପାଣ୍ଡେ ଏବଂ ପି.ପି. ସିଂ ।

ଉତ୍ତରଦାତାଙ୍କ ପାଇଁ ଏସ୍. ଏନ୍. ଭଟ୍ଟ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମ ସମ୍ମୁଖରେ ଆବେଦନକାରୀ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 96 ଅନୁଯାୟୀ ପ୍ରଥମ ଆବେଦନ ଦାୟର କରିଥିଲେ, ଯେଉଁଥିରେ ନିମ୍ନଲିଖିତ ଆଦେଶ ପାରିତ ହୋଇଥିଲା ।

> "ଆବେଦନକାରୀ ଆଠ ସପ୍ତାହ ମଧ୍ୟରେ 75,000/- ଟଙ୍କା ଜମା କରିବାର ସର୍ତ୍ତ ଅନୁଯାୟୀ ଗ୍ରହଣ କରାଯାଇଛି, ଏହାର ଖିଲାପରେ ପରବର୍ତ୍ତୀ ଆଦେଶ ବିନା ଆବେଦନ ଖାରଜ ହେବ ।"

ଏହା ଜଣାପଡୁଛି ଯେ ଜମା କରାଯିବାକୁ ଥିବା ପରିମାଣ ଜମା କରାଯାଇ ନଥିଲା । ସମୟସୀମା ବୃଦ୍ଧି ପାଇଁ ଯେଉଁ ଆବେଦନ କରାଯାଇଥିଲା, ତାହା ଅଣଫଏସଲାରେ ରହିଥିଲା । ପାରିତ ହୋଇଥିବା ଆକ୍ଷେପିତ ଆଦେଶ ଦର୍ଶାଇଥିଲା ଯେ ଯେହେତୁ ଜମା କରାଯାଇ ନାହିଁ, ଏହାର ଅନିବାର୍ଯ୍ୟ ପରିଣାମ ସ୍ୱରୂପ ଆବେଦନ ଖାରଜ ହୋଇଯାଇଥିଲା ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରନ୍ତି ଯେ ମୂଳ ଅଧିକାରିତା ପ୍ରୟୋଗ କରୁଥିବା ଯେକୌଣସି ଅଦାଲତ ଦ୍ୱାରା ପାରିତ ପ୍ରତ୍ୟେକ ଡିକ୍ରିରୁ ଆବେଦନ ରହିଛି । ପ୍ରଥମ ଆବେଦନରେ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ତଥ୍ୟ ତଥା ଆଇନର ପ୍ରଶ୍ନଗୁଡିକୁ ଯାଞ୍ଚ କରିବାକୁ ବିସ୍ତାରିତ । ଯଦିଓ ଉତ୍ତରଦାତାଙ୍କ ବିଜ୍ଞ ଓକିଲଙ୍କ ଦ୍ୱାରା ସୂଚିତ ହୋଇଛି ଯେ ଆଦେଶ 41 ନିୟମ 11 ସିପିସି ଅନୁଯାୟୀ ଆବେଦନ ଗ୍ରହଣ ସମୟରେ ସୀମିତ ଭାବରେ ଆବେଦନକୁ ଖାରଜ କରିବା ଅଦାଲତ ପାଇଁ ଖୋଲା ରହିବ, କିନ୍ତୁ ଏପରିକି ସେହି ଦୃଷ୍ଟିକୋଣରୁ ମାମଲାକୁ ଯାଞ୍ଚ କରିବା ଦ୍ୱାରା ଆମେ ପାଇଲୁ ଯେ ନ୍ୟାୟାଳୟ ଧାରା 96 ସିପିସି ଅଧୀନରେ ଦାଖଲ ହୋଇଥିବା ଆବେଦନ ଗ୍ରହଣ କରିବାର ପ୍ରଶ୍ନକୁ ବିଚାର କରୁଥିବାବେଳେ, ଯଦି ପ୍ରଥମ ଦୃଷ୍ଟିଗତ ଯୋଗ୍ୟତା ଥିବା ସମ୍ପୂର୍ଣ୍ଣ ଶୁଣାଣି ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ, ତେବେ ଆବେଦନ ଗ୍ରହଣ କରିପାରିବେ । ଅନ୍ୟଥା, ଆବେଦନରେ ଯୋଗ୍ୟତା ନାହିଁ ବୋଲି ଯଦି ମିଳିଥାଏ, ତେବେ ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଖାରଜ କରାଯାଇପାରେ । କିନ୍ତୁ, କିଛି ଧାର୍ଯ୍ୟ ହୋଇଥିବା ରାଶି ଜମା କରିବାର ସର୍ତ୍ତ ଅନୁଯାୟୀ ଆବେଦନକୁ ଗ୍ରହଣ କରିବା, ସିପିସି ର ଆଦେଶ 41 ନିୟମ 11 ସହିତ ଧାରା 96 ଅଧୀନରେ ଥିବା ବ୍ୟବସ୍ଥାରେ ପରିକଳ୍ପନା କରାଯାଇ ନାହିଁ । ସ୍ପଷ୍ଟତଃ ମାମଲାର ଗୁଣବତ୍ତା ସହିତ ଅର୍ଥ ଜମା କରିବାର କୌଣସି ସମ୍ପର୍କ ରହିବ ନାହିଁ, ଯାହା କେବଳ ସିପିସି ର ଧାରା 96 ଅଧୀନରେ ଦାଖଲ ହୋଇଥିବା

ଆବେଦନକୁ ଗ୍ରହଣ କରିବା କିମ୍ବା ନକରିବା ପାଇଁ ଆଧାର ହେବ । ଅଧିକନ୍ତୁ, ରାଶି ଜମା କରିବାରେ ବିଫଳତା ପାଇଁ ସର୍ତ୍ତ ଲଗାଇବା ଦ୍ୱାରା ଅପିଲ ଖାରଜ ହୋଇଯିବ, ଯାହା ସର୍ତ୍ତମୂଳକ ପ୍ରବେଶ କ୍ରମରେ ଅଦୃଢତାକୁ ବୃଦ୍ଧି କରିବ ।

ଏହା ଏକ ଭିନ୍ନ ବିଷୟ, ଯଦି ଆବେଦନକାରୀ ଆଦେଶ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ କିମ୍ବା ଆବେଦନ ବିଚାରାଧୀନତା ସମୟରେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ମାଧ୍ୟମରେ କୌଣସି ଡିକ୍ରି ପାଇଁ ପ୍ରାର୍ଥନା କରନ୍ତି, ତେବେ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଯଥାର୍ଥ ଏବଂ ଉପଯୁକ୍ତ ବୋଲି ବିବେଚନା କରୁଥିବା ଯେକୌଣସି ସର୍ତ୍ତ ଲାଗୁ କରିବାକୁ ନ୍ୟାୟାଳୟ ପାଇଁ ଉନ୍ମୁକ୍ତ ରହିଛି । ଅନ୍ୟଥା ଅର୍ଥ ଜମା କରିବାର ଏକ ସର୍ତ୍ତ ଲାଗୁ କରିବା ଯାହା ଅନୁଯାୟୀ ଯୋଗ୍ୟତା ଉପରେ ଶୁଣାଣି ପାଇଁ ଏକ ଆବେଦନ ଗ୍ରହଣ କରାଯାଇପାରେ, ଆଇନଗତ ଭାବରେ ନ୍ୟାୟସଙ୍ଗତ ନୁହେଁ ଏବଂ ଏପରି ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ।

ଫଳସ୍ୱରୂପ, ଆବେଦନକୁ ଅନୁମତି ଦିଆଯାଇଛି, ଆବେଦନକୁ ଗ୍ରହଣ କରିବାରେ ଜମା କରିବାର ସର୍ତ୍ତାବଳୀ ଲାଗୁ କରି ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି । ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଆବେଦନ ଗ୍ରହଣ କରିବାର ଆଦେଶକୁ ଜମା କରିବାର ସର୍ତ୍ତ ବିନା ବିବେଚନା କରାଯିବ । ତେବେ ଏହା ସ୍ପଷ୍ଟ କରାଯାଇଛି ଯେ ଆବେଦନ ବିଚାରାଧୀନତା ସମୟରେ ଯଦି କୌଣସି ପ୍ରକାରର ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ମଞ୍ଜୁର କରାଯାଇଛି, ତେବେ କୌଣସି ପରିମାଣର ଜମା ରାଶି ସମେତ ଯେକୌଣସି ସର୍ତ୍ତ ଲାଗୁ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ । ଫଳସ୍ୱରୂପ ପ୍ରଥମ ଆବେଦନଟି ନ୍ୟାୟାଳୟର ନଥିକୁ ପୁନଃସ୍ଥାପିତ ହୋଇଛି, ଯାହାକୁ ବିଚାର କରାଯିବ ଏବଂ ଗୁଣବତ୍ତା ଉପରେ ଶୀଘ୍ର ନିଷ୍ପତ୍ତି ନିଆଯିବ ।

କୌଣସି ଖର୍ଚ୍ଚ ନାହିଁ ।　　　　　　　　　　　ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।